# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 May - 2026

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ କୃଷି ଓ କୃଷକମାନଙ୍କ ଗୁରୁତ୍ୱ ଆଗାମୀ ଦିନରେ ଅଧିକ ବୃଦ୍ଧି ପାଇବ; କହିଲେ କେନ୍ଦ୍ର କୃଷିମନ୍ତ୍ରୀ

— ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ରାଜ୍ୟମାନଙ୍କ କୃଷିମନ୍ତ୍ରୀ ସମ୍ମିଳନୀକୁ କଲେ ସମ୍ବୋଧନ

- ଆସନ୍ତାକାଲି ପ୍ରକାଶ ପାଇବ ଯୁକ୍ତଦୁଇ ପରୀକ୍ଷା ଫଳ

- ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ବନକଲାଗି ନୀତି

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି;ଚଳିତ ମାସ ଶେଷ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ କେରଳମ୍ ଛୁଇଁବା ସମ୍ଭାବନା

# କୃଷି ସମ୍ମିଳନୀ- ଶିବରାଜ

ଦେଶର ଅର୍ଥ ବ୍ୟବସ୍ଥାରେ କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କେନ୍ଦ୍ର କୃଷି  ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ପୂର୍ବାଞ୍ଚଳ ରାଜ୍ୟମାନଙ୍କ କୃଷିମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ କୃଷି ଓ କୃଷକମାନଙ୍କ ଗୁରୁତ୍ୱ ଆଗାମୀ ଦିନରେ ଆହୁରି ଅଧିକ ବୃଦ୍ଧି ପାଇବ । ଚଳିତ ବର୍ଷ ଓଡ଼ିଶା ଧାନ କ୍ରୟ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛି । ରାଜ୍ୟରେ ୭୬ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ କ୍ରୟ ସହ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

**- V/O -**

ପୂର୍ବାଞ୍ଚଳ ରାଜ୍ୟଗୁଡିକର ଉର୍ବର ଭୂମି, ଅନୁକୂଳ ଜଳବାୟୁ ଓ ଚାଷୀମାନଙ୍କ ପରିଶ୍ରମର ପ୍ରଶଂସା କରି ସେ କହିଥିଲେ, ଏହି ଅଞ୍ଚଳଗୁଡିକ ଦେଶର କୃଷି ବିକାଶର ମୁଖ୍ୟ କେନ୍ଦ୍ର ଭାବେ ବିକଶିତ ହେବାର ସମ୍ଭାବନା ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷକଙ୍କ ଆୟ ବୃଦ୍ଧି ଓ କୃଷି କ୍ଷେତ୍ରର ସାର୍ବଜନୀନ ଉନ୍ନତି ପାଇଁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

ଦେଶରେ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ଓ ଆଦର୍ଶ କୃଷି ମଡେଲ୍ ଗଠନର ଆବଶ୍ୟକତା ନେଇ ସରକାର ଗୁରୁତ୍ୱ ଦେଉଛନ୍ତି । ଅତ୍ୟଧିକ

ରାସାୟନିକ ସାର ବ୍ୟବହାର ଯୋଗୁଁ ମାଟିର ଉର୍ବରତା ଓ କୃଷି ଉତ୍ପାଦନ ପ୍ରଭାବିତ ହେଉଛି। ଚାଷ ଜମି ସୁରକ୍ଷା ସହ ସନ୍ତୁଳିତ କୃଷି ପଦ୍ଧତି ଗ୍ରହଣ କରିବା ପାଇଁ ସମ୍ମିମଳନୀରେ କୃଷିମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୃଷକ ପଞ୍ଜୀକରଣ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ଶ୍ରୀ ଚୌହାନ କହିଛନ୍ତି, ଏହା ମାଧ୍ୟମରେ କୃଷକଙ୍କ ଜମି, ପରିବାର ଓ ଫସଲ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୋଟିଏ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଏଥିସହ କୃଷକମାନେ ସହଜରେ ଋଣ ଓ ସରକାରୀ ସହାୟତା ପାଇପାରିବେ। କୃଷକ କଲ୍ୟାଣ ପାଇଁ ଅଧିକାରୀମାନେ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ସିଏଚ୍‌ଏସ୍‌ଇ ରେଜଲ୍ଟ

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତାକାଲି ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ମଧ୍ୟାହ୍ନ ସାଢେ ୧୨ଟାରେ ପରିଷଦ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ଗଣ୍ଡ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିବେ।

ଅପରାହ୍ନ ୩ଟାରେ results.orissa.gov.in ଏବଂ results.digilocker.gov.in ରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ପରୀକ୍ଷାଫଳ ଜାଣିପାରିବେ। ଚଳିତ ବର୍ଷ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଛନ୍ତି।

ଅନ୍ୟପକ୍ଷରେ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଆବେଦନ ଫର୍ମ ପୂରଣ ପ୍ରକ୍ରିୟା ଚଳିତମାସ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ-ବୋର୍ଡର ସୂଚନା ଅନୁସାରେ, ମାଟ୍ରିକ ସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଆବେଦନ ସମୟସୀମାକୁ ମଧ୍ୟ ବୃଦ୍ଧି କରାଯାଇଛି।

ଚଳିତବର୍ଷ ମାଟ୍ରିକ୍ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାରେ ୮ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ଏବଂ ୧୭ ହଜାର ୫୫ ଜଣ ଫେଲ ହୋଇଥିଲେ। ସେମାନଙ୍କୁ ପୁଣିଥରେ ସୁଯୋଗ ଦେବା ପାଇଁ ସପ୍ଲିମେଣ୍ଟାରୀ ପରୀକ୍ଷା ଲାଗି ଫର୍ମ ଆବେଦନ କରାଯାଉଛି।

## ସମ୍ବର୍ଦ୍ଧନା

**ଢେଙ୍କାନାଳ** ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୭୭ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଜାତୀୟ ସ୍ତରରେ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୦ ଜଣ କ୍ରୀଡାବିତ୍‌ଙ୍କୁ ମଧ୍ୟ ସମ୍ମାନୀତ କରିଛନ୍ତି।

## ବନକଲାଗି

ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ। ବନକଲାଗି ନୀତି ଏକ ଗୁପ୍ତ ନୀତି

ହୋଇଥିବାରୁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପେନ୍‌ସନ୍ ଅଦାଲତ

**କୋରାପୁଟ** ଜିଲ୍ଲାରେ ଆସନ୍ତା ଗୁରୁବାର ଓ ଶୁକ୍ରବାର ସାଧାରଣ କର୍ମଚାରୀଙ୍କ ପାଇଁ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହେବ । ପୂର୍ବାହ୍ଣ ୯ଟାରେ ସ୍ଥାନୀୟ ସଦ୍‌ଭାବନ ସଭାଗୃହରେ ପେନ୍‌ସନ୍ ସମ୍ବନ୍ଧୀୟ ଅଭିଯୋଗ ଥିବା ଅବସରପ୍ରାପ୍ତ କର୍ମଚାରୀ ଓ ଉତ୍ତରାଧୀକାରୀମାନେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

## ଫସଲ ସଂଗ୍ରହ

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍‌ରେ କୃଷି ବିଭାଗ ଓ ବିଭିନ୍ନ ଚାଷୀ ଫାର୍ମ ପକ୍ଷରୁ ରବି ଫସଲ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି । କୃଷି ଅଧିକାରୀ ଯୋଗଦେଇ ଚାଷୀମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ଫସଲ ବିକ୍ରି ବଜାର ସୃଷ୍ଟି କରିବା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ଡାଲି ଜାତୀୟ ଫସଲର ମୂଲ୍ୟ ଚାଷୀମାନେ ସଠିକ୍ ଭାବେ ପାଇବା ସମ୍ପର୍କରେ ଆଲୋଚନା କରିଥିଲେ ।

## ସଚେତନତା

**ଗଞ୍ଜାମ** ଜିଲ୍ଲାର ପୁରୁଷୋତ୍ତମପୁରସ୍ଥିତ ହିନ୍ଦୀ ପ୍ରଚାର ସଭା ସମ୍ମିଳନୀ କକ୍ଷରେ ତାଲୁକ୍ ଆଇନ୍‌ସେବା ପ୍ରାଧୀକରଣ କମିଟି ପକ୍ଷରୁ ସୁରକ୍ଷିତ ଶୈଶବ ଓ ସୁରକ୍ଷିତ ଭବିଷ୍ୟତ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷା ସୁମିତା ଆଚାର୍ଯ୍ୟ ଯୋଗଦେଇ ଶିଶୁଙ୍କ

ସୁରକ୍ଷା ଓ ନିର୍ଯାତନା ରୋକିବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

## ଅନ୍ୱେଷଣ

ରାଜ୍ୟ କ୍ରାଇମ୍‌ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା **CAW and CW** ପକ୍ଷରୁ ନିଖୋଜ ଶିଶୁଙ୍କୁ ଖୋଜିବା ପାଇଁ ଆସନ୍ତା ଗୁରୁବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଅପରେସନ୍ ଅନ୍ୱେଷଣ ଆରମ୍ଭ ହେବ। ଏହି ଅଭିଯାନରେ ପୁଲିସ୍ ଅନ୍ୟ ରାଜ୍ୟକୁ ଯାଇ ନିଖୋଜ ଶିଶୁଙ୍କୁ ଖୋଜିବ। ଏଥିଲାଗି ସମସ୍ତ ରେଞ୍ଜ ଆଇ.ଜି. ଓ ଡିଆଇଜିଙ୍କୁ **CAW and CW** ପକ୍ଷରୁ ଚିଠି ଲେଖି ଅବଗତ କରାଯାଇଛି। ରାଜ୍ୟ ପୁଲିସ୍ ସହ ସମନ୍ୱୟ ରକ୍ଷା ଲାଗି କମିଶନରେଟ୍ ପୁଲିସ୍ ସମେତ ୮ଟି ରେଞ୍ଜକୁ ଦାୟିତ୍ୱ ଦିଆଯାଇଛି। ସେମାନେ ପଶ୍ଚିମବଙ୍ଗ, ଆସାମ, ନୂଆଦିଲ୍ଲୀ ସମେତ ୧୩ଟି ରାଜ୍ୟକୁ ଯାଇ ନିଖୋଜ ଶିଶୁଙ୍କୁ ଖୋଜିବ।

## ଅଭିଯାନ

**ବୌଦ୍ଧ** ଜିଲ୍ଲାରେ ଜନଭାଗୀଦାରି ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ୍‌ରେ ଆଦିମ ଜନଜାତି, ଆଦିବାସୀବହୁଳ ଗ୍ରାମମାନଙ୍କରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଏହି ଅଭିଯାନ ଆୟୋଜିତ ହେବ। ଏହାର ମୂଳ ଲକ୍ଷ୍ୟ ହେଉଛି ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତୀକରଣ, ସେମାନଙ୍କ ଐତିହ୍ୟର ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା। ତୃଣମୂଳସ୍ତରରେ ଲୋକଙ୍କ ସକ୍ରିୟା ଭାଗିଦାରୀ ସହିତ ଏହାକୁ କାର୍ଯ୍ୟକାରୀ କରାଯାଉଛି।

## ରଥ ଚକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ୩ ରଥର ୪୨ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭୋଇ ସେବକଙ୍କ ତତ୍ତ୍ୱାବଧାନରେ ସିଙ୍ଗଡାବାଡିଆ କାର୍ଯ୍ୟ ଶେଷ ହୋଇଛି । ରଥଖଳାରେ ମହରଣା ସେବକମାନେ ଧୂଳିଦଣ୍ଡା ଦୁଇଟି ତିଆରି କରୁଛନ୍ତି । ଗୋଟିଏ ଚାରପରିଛା ଶେଷ ହୋଇଥିବାବେଳେ ଅନ୍ୟଟିର ହଣା କାର୍ଯ୍ୟ ଚାଲିଛି । ଦୋଳ ବେଦୀରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଦଣ୍ଡାକଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଦୋଳବେଦୀରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରାରେ ଶ୍ରୀଜୀଉଙ୍କ ପୂଜା ନୀତି ଲାଗି କୁରୁମପିଢ଼ା, ବିଜେ ଡୋରି, ପଇତା ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଏସ୍ଆଇଆର

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । **ନବରଙ୍ଗପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ବୈଠକ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭୋଟର ତାଲିକା ସଂଶୋଧନକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଆସନ୍ତା ସେପ୍ଟେମ୍ବର ମାସ ୬ ତାରିଖ ସୁଦ୍ଧା ଏସ୍ଆଇଆର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । **କେନ୍ଦୁଝର** ଜିଲ୍ଲାପାଳ ଏସ୍ଆରଆର ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋଚନା କରିଛନ୍ତି । ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରୀକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ

ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଛନ୍ତି। **ବୌଦ୍ଧ** ଜିଲ୍ଲାରେ ଏସ୍ଆଇଆର କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତି ଦଳର କର୍ମକର୍ତ୍ତାଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଛନ୍ତି।

## ସମୀକ୍ଷା ବୈଠକ

**ମାଲକାନଗିରି** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନ୍ୟା ପୂର୍ବ ପ୍ରସ୍ତୁତି, ଜରୁରିକାଳୀନ ଉଦ୍ଧାରକାର୍ଯ୍ୟ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ନଦୀ ଓ କେନାଲ ବନ୍ଧରେ ପୂର୍ବରୁ ହୋଇଥିବା ଘାଇଗୁଡ଼ିକର ସ୍ଥାୟୀ ମରାମତି, ବନ୍ୟା ଜଳର ମୁକ୍ତ ପ୍ରବାହ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ନାଳଗୁଡ଼ିକୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ଟେଲିଫୋନ୍ ଲାଇନ୍ ସଚଳ ରଖିବା ଏବଂ ବିପର୍ଯ୍ୟୟ ପରେ ବିଦ୍ୟୁତ୍, ଟେଲି ଯୋଗାଯୋଗ ଓ ରାସ୍ତାଘାଟ ଭଳି ଅତ୍ୟାବଶ୍ୟକ ସେବାକୁ ତୁରନ୍ତ ପୁନରୁଦ୍ଧାର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ପରାମର୍ଶ ଦିଆଯାଇଛି।

## ପାଣିପାଗ

ରାଜ୍ୟରେ ଅଧିକାଂଶ ସ୍ଥାନରେ ଆଜି ମଧ୍ୟ ଗ୍ରୀଷ୍ମପ୍ରବାହ ଏବଂ ଗୁଳୁଗୁଳି ଜାରି ରହିଛି। ପଶ୍ଚିମ ଓଡ଼ିଶାର ପ୍ରାୟ ସବୁ ଅଂଚଳରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିବା ସୂଚନା ଆମର ହସ୍ତଗତ ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ

ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବରେ ଝଡ଼ବର୍ଷାର ଅନୁମାନ କରାଯାଇଛି ।

ଅନ୍ୟପକ୍ଷରେ, ମୌସୁମୀବାୟୁ ଚଳିତମାସ ଶେଷ ସୁଦ୍ଧା କେରଳମ୍‌ରେ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।